## ନିମାପଡ଼ାରେ ରାଜଶ୍ରୀ ଓ ଦିଲ୍ଲୀପଙ୍କ ରୋଡ୍ ଶୋ



ନିମାପଡ଼ା, ୨୨।୫ (ସମିସ): ନିମାପଡ଼ା ଏନ୍‌ଏସିରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କ ରୋଡ ଶୋ'ରେ ପ୍ରଚାର କାର୍ଯ୍ୟକ୍ରମକୁ ଜୋର୍‌ଦାର କରିଛନ୍ତି। ଏନ୍‌ଏସି ଅନ୍ତର୍ଗତ ପୂର୍ଣ୍ଣେଶ୍ୱରୀ ଠାକୁରଙ୍କ ପୀଠରୁ ବାହାରି ଦଳୀୟ କର୍ମୀଙ୍କ ସହ ବିରାଟ ବାଇକ୍ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ପରେ ଏନ୍‌ଏସିର ୧୧ଟି ୱାର୍ଡର ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ନବୀନ ବାବୁଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ସହ ଜଗତସିଂହପୁର ସାଂସଦ ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ ଓ ନିମାପଡ଼ାର ବିଧାୟକ ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜିତାଇବାକୁ ନିବେଦନ କରିଛନ୍ତି। ଶୋଭାଯାତ୍ରାରେ ଏନ୍‌ଏସି ଚେୟାରମ୍ୟାନ ସସ୍ମିତା ସାହୁ, ପୂର୍ବତନ ନଗରପାଳ ଅଜୟ କୁମାର ଭୋଇ, ନଗର ସଭାପତି ଅରୁଣ ପ୍ରସାଦ ଦାଶ, ଏନଏସି ଚେୟାରମ୍ୟାନଙ୍କ ପ୍ରତିନିଧି ଲୋକନାଥ ସାହୁ, ବରିଷ୍ଠ କାଉନସିଲର ଧନୁର୍ଦ୍ଧର ଦାଶ, ବରିଷ୍ଠ ଆଇନଜୀବୀ ବଟକୃଷ୍ଣ ସାହୁ, ଯୁବନେତା ଦିଲ୍ଲୀପ କୁମାର ପାତ୍ର, ଗୟାଧର ବେହେରା, ତପନ ପଣ୍ଡା, ଷ୍ଟାଲିନ ଦାଶଙ୍କ ସମେତ ହଜାର ହଜାର ଦଳୀୟ କାର୍ଯ୍ୟକର୍ତ୍ତା ବାଇକ୍ ଶୋଭଯାତ୍ରାରେ ସାମିଲ ହୋଇଥିଲେ।

## ଆଜି ନିମାପଡ଼ା ଆସୁଛନ୍ତି କାର୍ତ୍ତିକ ପାଣ୍ଡିଆନ

ନିମାପଡ଼ା, ୨୨।୫(ସମିସ): ଗୁରୁବାର ଦିନ ସକାଳ ୯ ଘଟିକା ସମୟରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ନିମାପଡ଼ା ଆସୁଛନ୍ତି। ଶ୍ରୀ ପାଣ୍ଡିଆନଙ୍କ ଗସ୍ତ ଲାଗି ନିମାପଡ଼ା ସ୍ଥିତ ବାରବାଟୀ ପଡ଼ିଆର ପ୍ରସ୍ତୁତି କାର୍ଯ୍ୟକ୍ରମ ଶେଷ ହୋଇଛି। ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ଲାଗି ଭୋଟ ଭିକ୍ଷା କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ।

## ତେନ୍ତୁଳିଗୁଆଁରେ ବାରଦୋଳ ମେଳଣ

ଚାରିଛକ, ୨୨।୫(ସମିସ):ନିକଟସ୍ଥ ତେନ୍ତୁଳିଗୁଆଁ ଗ୍ରାମର ଗ୍ରାମଦେବତୀ ମା' ଭଗବତୀ ଠାକୁରାଣୀଙ୍କ ପୀଠରେ ପବିତ୍ର ବୈଶାଖ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭାଗବତ ବାସୁଦେବଙ୍କ ବାରଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି ମେଳଣରେ ଥାନପତି ଭାବେ ତେନ୍ତୁଳିଗୁଆଁର ଭାଗବତ ବାସୁଦେବଗାଦୀ ଏବଂ ତୁଳସୀପୁର, ସୁଧବାରିମୂଳ, ଶ୍ରୀକୋଇଲୀ, କଦଳୀବାରୀ, ସଇଦାବାଦ, ଆଟିକାଉଫୁଟି, ମଧୁସୁଦନପୁର ଶାସନ, ବାଲୁଙ୍କ ଆଦି ଗ୍ରାମରୁ ସୁସଜ୍ଜିତ ବିମାନରେ ଆସି ମେଳଣ ପଡ଼ିଆଠାରେ ଭେଟ ହୋଇଥିଲେ। ଏହି ଅପୂର୍ବ ଦୃଶ୍ୟକୁ ଦେଖିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ମେଳଣ ପଡ଼ିଆରେ ଉପସ୍ଥିତ ହୋଇଥିଲେ। ଏହା ପରେ ଦୋଳମାନେ ବାରଗାଦି ମଣ୍ଡପ ଉପରେ ବିରାଜମାନ ହୋଇଥିଲେ। ଦିଅଁ ମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଶୀମଦ୍ ଭାଗବତ ପାଠ କରାଯାଇଥିଲା। ସନ୍ଧ୍ୟାରେ ଆଳତୀ ଭୋଗରାଗ ସରିବା ପରେ ଦୋଳମାନେ ସ୍ୱସ୍ଥାନକୁ ଫେରିଛନ୍ତି। ମେଳଣ ଦେଖିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ।



ଭୋଟ ଦେଲେ ହୋଟେଲରେ ରିହାତି | ଭୋଟ ହାର ବୃଦ୍ଧି ପାଇଁ ହୋଟେଲ ସଂଘର ପଦକ୍ଷେପ

# ପୁଲିଂ ଅଫିସରଙ୍କୁ ଦିଆଯିବ ଏସେନ୍‌ସିଆଲ କିଟ୍

ପୁରୀ, ୨୨।୫(ସମିସ):



ନିଜ ମତାଧିକାର ସାବ୍ୟସ୍ତ କରିବା ପ୍ରତ୍ୟେକ ଭୋଟରର ସାମ୍ବିଧାନିକ ଅଧିକାର। ମତଦାନ ଗଣତନ୍ତ୍ରକୁ ସୁଦୃଢ କରିଥାଏ। ସମସ୍ତ ଭୋଟର ନିଶ୍ଚିତ ମତଦାନ କରିବାକୁ ଭାରତର ନିର୍ବାଚନ କମିଶନ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଏ କ୍ଷେତ୍ରରେ ପୁରୀ ହୋଟେଲ ସଂଘ ଆଉ ଏକ ପାଦ ଆଗେଇ ମତଦାତାଙ୍କୁ ଉତ୍ସାହିତ କରିବା ପାଇଁ ଭୋଟରଙ୍କୁ ଖାଦ୍ୟ ରିହାତି ଘୋଷଣା କରିଛନ୍ତି। ଯେଉଁ ଭୋଟରମାନେ ମତଦାନ କରିଥିବା ପ୍ରମାଣ ସ୍ୱରୂପ ଆଙ୍ଗୁଠିରେ ଇଣ୍ଡେଲେବଲ ଇଙ୍କ ବା ଅଲିଭା କାଳି ଲାଗିଥିବା ପ୍ରଦର୍ଶନ କରିବେ ସେମାନଙ୍କୁ ପୁରୀର ବିଭିନ୍ନ ହୋଟେଲରେ ଶତକଡା ୨୦ ଭାଗ ରିହାତି ମିଳିବ ବୋଲି ସଂଘ ସଭାପତି ରାମକୃଷ୍ଣ ଦାସ ମହାପାତ୍ର ସୂଚନା ଦେଇଛନ୍ତି। ବୁଧବାର ଅପରାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ସାକ୍ଷାତ୍ କରି ଶ୍ରୀ ଦାସ ମହାପାତ୍ର ଏହି ସୂଚନା ଦେବା ସହ ପ୍ରଶାସନ ସହ ହୋଟେଲ ମାଲିକ ସଂଘ ମଧ୍ୟ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ କରିବାରେ ସହାୟତା କରି ଚାଲିଛି ବୋଲି କହିଥିଲେ। ଅପରପକ୍ଷରେ ନିର୍ବାଚନରେ ନିୟୋଜିତ ସମସ୍ତ ପୁଲିଂ ଅଧିକାରୀଙ୍କ ପାଇଁ ପୁରୀ ହୋଟେଲ ସଂଘ ପକ୍ଷରୁ ଏସେନ୍‌ସିଆଲ କିଟ୍ ବା ସହାୟତା ଉପକରଣ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହୋଟେଲ ସଂଘର ଏପରି ଉଦ୍ୟମ ପାଇଁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସଂଘକୁ କୃତଜ୍ଞତା ଜଣାଇବା ସହ ଏହା ମତଦାତାଙ୍କୁ ମତଦାନ ପାଇଁ ଉତ୍ସାହିତ କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ହୋଟେଲ ସଂଘ ଉପ ସଭାପତି ତଳଛୁ ନୀଳକଣ୍ଠ ମହାପାତ୍ର, ରାଜକିଶୋର ପାତ୍ର, କାଶୀନାଥ ସାହୁ, ଦେବାଶିଷ କୁମାର, ସାଧାରଣ ସମ୍ପାଦକ କେଦାର ନାଥ ଖୁଣ୍ଟିଆ, ଯୁଗ୍ମ ସମ୍ପାଦକ ବିଭୂଦତ୍ତ ସୁବୁଦ୍ଧି, ଉପେନ୍ଦ୍ର ନାୟକ, ଲିଗାଲ ଯୁଗ୍ମ ସମ୍ପାଦକ ହରେକୃଷ୍ଣ ଖୁଣ୍ଟିଆ, କୋଷାଧ୍ୟକ୍ଷ ରବି ନାରାୟଣ ସାହୁ, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

## ସତ୍ୟବାଦୀରେ ସଞ୍ଜୟଙ୍କ ପ୍ରଚାର



ସାକ୍ଷୀଗୋପାଳ, ୨୨।୫(ସମିସ): ନିର୍ବାଚନ ପ୍ରଚାର ଶେଷ ହେବାକୁ ଆଉ ଅଳ୍ପ ସମୟ ବାକି ରହିଛି। ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସବର୍ମା ପୂର୍ବ ସତ୍ୟବାଦୀର ବିଭିନ୍ନ ପଞ୍ଚାୟତରେ ବାଇକ୍ ଶୋଭାଯାତ୍ରା କରିବା ସହ ଘରକୁ ଘର ବୁଲି ଭୋଟ ପ୍ରଚାର କରିଛନ୍ତି। ନିର୍ବାଚନ ପ୍ରଚାର ଶେଷ ହେଉଥିବାରୁ ବିଜେଡି ଦଳ ପକ୍ଷରୁ ପ୍ରଚାରକୁ ଜୋର୍‌ଦାର୍ କରିଛି। ଅନୁଷ୍ଠିତ ନିର୍ବାଚନ ପ୍ରଚାରରେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, କାଦୁଆ ସରପଞ୍ଚ ଗାୟତ୍ରୀ ମହାପାତ୍ର, କାଦୁଆ ପଞ୍ଚାୟତର ବିଜେଡି ସଭାପତି ବାଉରୀବନ୍ଧୁ ମହାପାତ୍ର, ଜିଲ୍ଲା ମହିଳା ବିଜେଡି ଉପସଭାପତି କନକଲତା ପଣ୍ଡାଙ୍କ ସହିତ ଶତାଧିକ ପୁରୁଷ ଓ ମହିଳା, ଯୁବକ ରୋଡ ଶୋ କରିବା ପ୍ରଚାର କରିଥିବାର ଦେଖାଯାଇଛି। ଶ୍ରୀ ଦାସବର୍ମା ପ୍ରଥମେ ବରାଳ ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କୁ ପୂଜାର୍ଚ୍ଚନା କରିବା ପରେ ବାଇକ୍ ଶୋଭାଯାତ୍ରା କରି ବରାଳ, ହରିଶଙ୍କରପୁର, ମୁନିଦା, ବାରମାଣସାହି, ଚଣାଗୋରଡା, ଚଉଦମାଣସାହି, କଦମ୍ବପଡ଼ା, ଉଚ୍ଚପୁର, ରାଉତସାହି, ବିଲସାହି, କାଦୁଆ, ତଳପାଟଣା ଗ୍ରାମରେ ରୋଡ ଶୋ' କରି ଭୋଟ ଭିକ୍ଷା କରିଥିଲେ। ସେହିପରି ବୀରରାମଚନ୍ଦ୍ରପୁର ଓ ନୂଆସୋମେଶ୍ୱରପୁର ପଞ୍ଚାୟତରେ ନିଜର ସମର୍ଥକ ଓ କର୍ମୀଙ୍କୁ ନେଇ ରୋଡ ଶୋ' ପ୍ରଚାର କରିଥିବାର ଦେଖାଯାଇଥିଲା।

## ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

ବାଲୁଗାଁ, ୨୨।୫(ସମିସ): ବାଲୁଗାଁ ନିକଟ ଚନ୍ଦ୍ରାପୁଟ ସ୍ଥିତ ଓଡିଆର୍ଟ ସେଣ୍ଟର ତରଫରୁ ଆନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳନ ଅବସରରେ ବାଲୁଗାଁ ଅଞ୍ଚଳରେ ଶୋଭା ଯାତ୍ରା ମାଧ୍ୟମ ରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଓଡିଆର୍ଟ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ଶୋଭାଯାତ୍ରାରେ ଓଡିଆର୍ଟର ଶାଖା ପରିଚାଳକ ସୌରଭ କୁମାର, ସହ କ୍ୟୁରେଟର ଅଜୁ, ସମାଜସେବୀ ଅନନ୍ତ ଚରଣ ଖଟେଇ ଓ ରଙ୍ଗନାଥ ସେଠୀ ଏବଂ ସଙ୍ଗୀତ ଗୁରୁ ବିଷ୍ଣୁପ୍ରିୟା ବାରିକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ର ଛାତ୍ର ଛାତ୍ରୀ ଓ କର୍ମକର୍ତ୍ତାମାନେ ପଦଯାତ୍ରାରେ ସାମିଲ ହୋଇ ବାଲୁଗାଁ ବଜାର ପରିକ୍ରମା କରି ଲୋକଙ୍କୁ ସଚେତନତା ବାର୍ତ୍ତା ବାଣ୍ଟି ଥିଲେ।

## ମନ୍ମଥ ଓ ପ୍ରଦୀପଙ୍କ ମାରାଥନ ପ୍ରଚାର

ବେଗୁନିଆ, ୨୨।୫(ସମିସ): ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଜେଡ଼ି ଦଳର ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ପ୍ରଚାର ଓ ପ୍ରସାରକୁ ଜୋରଦାର ଭାବେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିଖି କାର୍ଯ୍ୟକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରି ଏବେ ଶକ୍ତିଶାଳୀ ହୋଇ ମହାଦ୍ରୁମରେ ପରିଣତ ହୋଇଛି। ଯାହାଫଳରେ ବିରୋଧି ଦଳର ଶିବିରରେ ହୃଦକମ୍ପନ ସୃଷ୍ଟି ହୋଇ ବିଜୟ ହାସଲ କରିବା ଆଶା ମଉଳିବାରେ ଲାଗି ପଡ଼ିଥିବାରୁ ବିଭିନ୍ନ ରଣନୀତି ଆପଣେଇବାରେ ବ୍ୟସ୍ତ ଅଛନ୍ତି। ସାଂସଦ ପ୍ରାର୍ଥୀ ମନ୍ମଥ ଓ ବିଧାୟକ ପ୍ରାର୍ଥୀ ପ୍ରଦୀପଙ୍କ ସମର୍ଥନ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜନ ସାଧାରଣ ସ୍ୱତଃ ପ୍ରବୃତ୍ତ ଭାବେ ବିଜୟ ଲାଭ କରିବା ପାଇଁ ଆର୍ଶୀବାଦ ଦେବା ସହ ବିପୁଳ ପରିମାଣର ଜନ ସମର୍ଥନ ମିଳୁଥିବାର ପ୍ରତ୍ୟକ୍ଷରେ ଦେଖିବାକୁ ମିଳୁଛି। ତେବେ ବୁଧବାର ପୂର୍ବାହ୍ନରେ ସିକୋ, ଶଗଡ଼ଭଙ୍ଗା, ହୀରାପୁର, ପଙ୍ଗାରସିଂହ ଓ କଣ୍ଟାବାଡ଼ ପଞ୍ଚାୟତରେ ଜୋନ ସ୍ତରୀୟ ଜନ ପ୍ରତିନିଧି କର୍ମୀ ଓ ନେତା ଯୋଗ ଦେଇ ପ୍ରଚାର ହୋଇଥିଲା।

# ୧୪୨ଟି ବୁଥ୍‌ରେ ୧୧୯୩୨୨ଜଣ ଭୋଟ ଦେବେ

## ୧୯ଟି ଉତ୍ତେଜନା ପ୍ରବଣ ବୁଥ୍

କଣାସ ବ୍ଲକ୍

କଣାସ, ୨୨।୫(ସମିସ):

ଆସନ୍ତା ୨୫ତାରିଖ ଦିନ ପୁରୀ ଜିଲ୍ଲା ସତ୍ୟବାଦୀ ନିର୍ବାଚନ ମଣ୍ଡଳିରେ ସାଂସଦ ଓ ବିଧାନସଭା ପାଇଁ ଭୋଟ ଗ୍ରହଣ ହେବାକୁ ଯାଉଥିବାରୁ ସରକାରୀ ସ୍ତରରେ ସମସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି ହୋଇସାରିଛି। ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତ ଓ କଣାସ ବ୍ଲକର ୨୮ଟି ପଞ୍ଚାୟତକୁ ନେଇ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଗଠିତ। ସତ୍ୟବାଦୀ ଓ କଣାସ ବ୍ଲକରେ ୨୫୪ଟି ବୁଥ୍‌ରେ ୨ଲକ୍ଷ ୭ହଜାର ଭୋଟର ମତଦାନ କରିବେ। ସେଥିମଧ୍ୟରୁ କଣାସ ବ୍ଲକର ୨୮ଟି ପଞ୍ଚାୟତରେ ୧୪୨ଟି ବୁଥ୍‌ରେ ୬୨ହଜାର ୩୩ଜଣ ପୁରୁଷ ୫୭ହଜାର ୪୮୨ଜଣ ମହିଳା ଭୋଟ ଦେବେ। ସେଥିପାଇଁ ୨୯ଟି ବୁଥ୍ କେବଳ ମହିଳା ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ସେହି ବୁଥ୍‌ରେ ସିସି ଟିଭି ଲାଗି ଲାଇଭ ଟେଲିକାଷ୍ଟ ହେବାର ବ୍ୟବସ୍ଥା କରାଯାଇଥିବା ବେଳେ ୨୦ଟି ସଖୀ ବୁଥ୍, ଚାନ୍ଦପଡ଼ା ପ୍ରାଥମିକ ବିଦ୍ୟାଳୟ ବୁଥ୍‌ଟି ଦିବ୍ୟାଙ୍ଗ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ, ଜଙ୍ଘାର ପ୍ରାଥମିକ ବିଦ୍ୟାଳୟ ବୁଥ୍‌ଟି ଯୁବ ସରକାରୀ ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ହେବାର ବ୍ୟବସ୍ଥା କରାଯାଇଥିବା ବେଳେ ୮୪ଟି ବୁଥ୍‌ରେ ସିସି କ୍ୟାମେରା ଲଗାଯାଇ ଲାଇଭ ଟେଲିକାଷ୍ଟିଙ୍ଗ ବ୍ୟବସ୍ଥା କରାଯାଇଥିବା ବେଳେ ୬ଟି ବୁଥ୍ ଭିଡିଓ ରେକର୍ଡିଂ କରାଯିବାର ବ୍ୟବସ୍ଥାକରାଯାଇଛି। ୧୯ଟି ବୁଥ୍ ଉତ୍ତେଜନା ପ୍ରବଣ ଭାବେ ଚିହ୍ନ କରାଯାଇ ସେଥିରେ ବନ୍ଧୁକ ଧାରି ପୁଲିସ୍ ଫୋର୍ସ ମୁତୟନ କରାଯିବା ସହିତ ୱେବକାଷ୍ଟିଂ ବ୍ୟସ୍ଥା କରାଯାଇଛି। ବିଶ୍ୱମ୍ଭର ନୋଡଲ ବିଦ୍ୟାଳୟ ବୁଥ୍‌ଟି ମେଡେଲ୍ ବୁଥ୍ ଭାବେ ଚିହ୍ନ କରାଯାଇଥିବା କଣାସ ବ୍ଲକ ନିର୍ବାଚନ ଅଧିକାରୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରହୀଙ୍କ ଠାରୁ ପ୍ରକାଶ। ତହସିଲଦାର ସନ୍ତୋଷ କୁମାର ପାଣିଗ୍ରହୀ, ବିଡିଓ ନାରାୟଣ ସାହୁ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ଗଡ଼ିଶାଗୋଦା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର, ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଗାଁ ଗାଁ ବୁଲି ଭୋଟରମାନଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷାକରି ଭୋଟ ଦେବାପାଇଁ ବୁଝାଉଥିବା ଦେଖିବାକୁ ମିଳିଛି।




## ବିଜେଡିରେ ମିଶିଲେ ବିଜେପି କର୍ମୀ



ନୟାହାଟ, ୨୨।୫(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ତଲୀ ପଞ୍ଚାୟତର ଦୁର୍ଗେଶ୍ୱରଗଡ଼ ଗ୍ରାମର ବିଜେପି କର୍ମୀ ଅଜୟ କୁମାର ପଣ୍ଡା ମଙ୍ଗଳବାର ଦିନ ବିଜେଡିରେ ମିଶିଛନ୍ତି। ପ୍ରକାଶ ଯେ ଦେସ୍ତଲୀ ପଞ୍ଚାୟତରେ ନିର୍ବାଚନ ପ୍ରଚାର ପାଇଁ ପଞ୍ଚାୟତର ଯୁବ ନେତା ମକର ଧ୍ୱଜ ସ୍ୱାଇଁଙ୍କ ନେତୃତ୍ୱରେ ବାଇକ୍ ଶୋଭା ଯାତ୍ରା ସମୟରେ କାକଟପୁର ନିର୍ବାଚନ ମଣ୍ଡଳୀ ର ବିଜେଡି ପ୍ରାର୍ଥୀ ତୁଷାରକାନ୍ତି ବେହେରାଙ୍କ ଉପସ୍ଥିତରେ ଦୁର୍ଗେଶ୍ୱରଗଡ଼ଗ୍ରାମର ଯୁବ ବିଜେପି କର୍ମୀ ଅଜୟ କୁମାର ପଣ୍ଡା ପଦ୍ମଛାଡି ଶଙ୍ଖ ଧରିଛନ୍ତି। ମିଶ୍ରଣ କାର୍ଯ୍ୟକ୍ରମରେ ୧୪ ନଂ ଜିଲ୍ଲାପରିଷଦ ସଭ୍ୟା ସାଗରିକା ନାୟକ, ପଞ୍ଚାୟତର ସରପଞ୍ଚ ରିସ୍ମା ସ୍ୱାଇଁଙ୍କ ସହିତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।










# ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଜୟ ଆଶୀର୍ବାଦ ମାଗିଲେ ମୁଖ୍ୟମନ୍ତ୍ରୀ







ପୁରୀ, ୨୨।୫ (ସମିସ): ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଜୟ ଆଶୀର୍ବାଦ ମାଗିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୁଧବାର ତାଳବଣିଆ ପଡ଼ିଆରେ ପୁରୀ ଲୋକସଭା ସଂସଦୀୟ କ୍ଷେତ୍ର ଲାଗି ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ଉପସ୍ଥିତ ହଜାର ହଜାର ଜନତାଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଆପଣମାନେ ଏତେ ଖରାରେ ଆସିଛନ୍ତି, ଏତେ ଦୂରରୁ ଆସିଛନ୍ତି ସେଥିପାଇଁ ବହୁତ ବହୁତ ଧନ୍ୟବାଦ। ବିରୋଧୀ ଦଳ ନେତାମାନେ ମିଛ କଥା କହୁଛନ୍ତି ଓ ଭୋଟ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଆପଣମାନେ ସେମାନଙ୍କ ପ୍ରତି ସତର୍କ ହୋଇ ରୁହନ୍ତୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଏସ୍‌କେୱାଇ ଯୋଜନା, ମିଶନ ଶକ୍ତି, ମମତା ଯୋଜନା, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ, ଛାତ୍ରବୃତ୍ତି, କାଳିଆ ଯୋଜନା, ମଧୁବାବୁ ପେନ୍‌ସନ ଯୋଜନା, ଚାଉଳ କାର୍ଡ ପରି ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମ୍ପର୍କରେ ଲୋକମାନଙ୍କଠାରୁ ମତାମତ ନେଇଥିଲେ। ପୁରୀ ପରିକ୍ରମା ପ୍ରକଳ୍ପ, ନବୀନ ପଟ୍ଟନାୟକ ଏବଂ ଶଙ୍ଖ ଚିହ୍ନ ଭଲ କି ବୋଲି ପଚାରିଥିଲେ। ହଜାର ହଜାର ଜନସାଧାରଣ ଏକସ୍ୱରରେ ହଁ ବୋଲି କହିଥିଲେ।

ବିଜୁ ଜନତା ଦଳର ସରକାର ବିଜୁଳି ମାଗଣା ଦେବେ। ଆପଣମାନେ ଖୁସି ତ? ଜୁଲାଇ ମାସରୁ ବିଜୁଳି ବିଲ୍ ଆସିବ ନାହିଁ। ଏମିତି ନିଜର ନିଆରା ଅନ୍ଦାଜରେ ବିଶାଳ ଜନସଭାକୁ ସମ୍ବୋଧନ କରିଥିଲେ ମୁଖ୍ୟମନ୍ତ୍ରୀ। ଶେଷରେ ପୁରୀ ଲୋକସଭା ସଂସଦୀୟ କ୍ଷେତ୍ରର ବିଜୁ ଜନତା ଜନତା ଦଳର ସାଂସଦ ଓ ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ ମୁଖ୍ୟମନ୍ତ୍ରୀ।

କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ କହିଥିଲେ, ପୁରୀକୁ ବିଶ୍ୱସ୍ତରୀୟ ଐତିହାସିକ ନଗର କରିବା ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନ। ଏ ସ୍ୱପ୍ନକୁ ସାକାର କରିବା ଲାଗି ସମସ୍ତେ ସାମିଲ ହେବା। ଏହାଦ୍ୱାରା ପୁରୀବାସିନ୍ଦା ଏବଂ ପୁରୀ ସଂସଦୀୟ କ୍ଷେତ୍ରରେ ରହୁଥିବା ଜନସାଧାରଣ ଉପକୃତ ହେବେ। ଏଠାରୁ ୭ କିମି ଦୂରତାରେ ଏକ ଆନ୍ତର୍ଜାତୀୟ ବିମାନବନ୍ଦର ହେବ। ଦୁବାଇରେ ଲେଖା ହେବ ଶ୍ରୀଜଗନ୍ନାଥ ଆନ୍ତର୍ଜାତୀୟ ବିମାନ ବନ୍ଦର, ପୁରୀ। ବିମାନ ସଂଖ୍ୟା ବଢ଼ିବ। ସିଙ୍ଗାପୁରରୁ ଆନ୍ତର୍ଜାତୀୟ ବିମାନ ମଧ୍ୟ ଏଠାକୁ ଆସିବ। ୩/୪ ବର୍ଷ ଭିତରେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଆପଣଙ୍କ ସ୍ୱପ୍ନକୁ ସାକାର କରିବେ। କେବଳ ବିମାନବନ୍ଦର ନୁହେଁ, ପୁରୀକୁ ବହୁ ପୁଞ୍ଜିନିବେଶ ଆଣିବା ଲାଗି ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଉଛନ୍ତି। ପୁରୀକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବା। ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ବଢ଼ିବ। ପୁରୀ ଜନସାଧାରଣଙ୍କ ରୋଜଗାର ଭଲ ହେବ, ଜୀବନରେ ଉନ୍ନତି ଆସିବ। ପୁରୀ ହେବ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ। ତେଣୁ ସମସ୍ତେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ ଶ୍ରୀ ପାଣ୍ଡିଆନ। ଏଥିପାଇଁ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ସମେତ ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ସେ ଅପିଲ କରିଥିଲେ।

- **ପୁରୀ ହେବ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ: ପାଣ୍ଡିଆନ**
- **ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ନଗର କରିବା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ**
- **ଏହି ସ୍ୱପ୍ନକୁ ସାକାର କରିବାରେ ସମସ୍ତେ ସାମିଲ ହେବା**
- **ପୁରୀରେ ହେବ ଅନ୍ତର୍ଜାତୀୟ ବିମାନ ବନ୍ଦର**

ପୁରୀରେ ଶ୍ରୀ ସେତୁ, ବହୁତଳ ପାର୍କିଂ, ବେଳାଭୂମିର ଉନ୍ନତିକରଣ ପରି ଅନେକ କାମ ଦ୍ରୁତଗତିରେ ହୋଇଛି। ଏଭଳି ଯଦି କାମ ସ୍ପିଡ ହେବାର ଅଛି ତେବେ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଯୋଡି ଶଙ୍ଖରେ ଭୋଟ ଦେବାକୁ ଅପିଲ କରିଥିଲ ଶ୍ରୀ ପାଣ୍ଡିଆନ। ଜିଲ୍ଲାରେ ସବୁ ବିଧାୟକ ଜିତିଲେ ହିଁ ବିକାଶର ଯାତ୍ରା ଜୋର୍‌ଦାର ଚାଲିବ। ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆପଣମାନଙ୍କ ଭଲପାଇବା ଯୋଗୁ ଜୁନ୍ ୯ ତାରିଖରେ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ। ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଦସ୍ତଖତ ହେବ ଓଡ଼ିଶାର ୯୦ ପ୍ରତିଶତ ପରିବାର ପାଇଁ ବିଜୁଳି ବିଲ୍ ଛାଡ। ଦ୍ୱିତୀୟ ଦସ୍ତଖତ ହେବ ସମସ୍ତେ ବିଏସ୍‌କେୱାଇରେ ସାମିଲ ହେବେ। ସମସ୍ତଙ୍କୁ ମିଳିବ ବିଏସ୍‌କେୱାଇ ନବୀନ କାର୍ଡ। ତୃତୀୟ ଦସ୍ତଖତ ହେବ ୬୦ ବର୍ଷ ପରେ ମିଶନ ଶକ୍ତି ମା'ମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା। ଏହା ନବୀନ ବାବୁଙ୍କ ଗ୍ୟାରେଣ୍ଟି ବୋଲି କହିଥିଲେ ଶ୍ରୀ ପାଣ୍ଡିଆନ।

ପୁରୀରେ ବହୁତ ମଧ୍ୟବିତ୍ତ ଶ୍ରେଣୀର ପରିବାର ଅଛନ୍ତି। ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଛନ୍ତି। ପ୍ରତ୍ୟେକ ମଧ୍ୟବିତ୍ତ ପରିବାରର ସ୍ୱପ୍ନ ଥାଏ ଘରଟିଏ କରିବେ। ଘର କିଣିବାକୁ ହେଲେ ଆପଣମାନଙ୍କୁ ଋଣ କରିବାକୁ ପଡୁଛି। କିନ୍ତୁ ସୁଧ ଏକ ବୋଝ ଭଳି ଲାଗୁଛି। ଏହି ବୋଝକୁ ହାଲ୍‌କା କରିବା ପାଇଁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଋଣ ଉପରେ ସୁଧକୁ କମ୍ କରିବେ। ରାଶନ କାର୍ଡ ନ ଥିଲେ ମଧ୍ୟ ଏବେ ସମସ୍ତେ ବିସେ୍‌କେୱାଇ ନବୀନ କାର୍ଡ ପାଇବେ। କଲେଜ ପଢୁଥିବା ପୁଅ ପିଲାଙ୍କ ପାଇଁ ୧୨ ହଜାର, ଝିଅ ପିଲାଙ୍କ ପାଇଁ ୧୪ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯିବ। ମଧ୍ୟବିତ୍ତ ପରିବାର ପାଇଁ କୌଣସି ରାଜ୍ୟ ମୁଖ୍ୟମନ୍ତ୍ରୀ ଏଭଳି କରିନାହାନ୍ତି, ଯାହା ଆମ ପ୍ରିୟ ମୁଖ୍ୟମନ୍ତ୍ରୀ କରିଛନ୍ତି। ଏହା ହେଉଛି ଆପଣମାନଙ୍କ ସରକାର, ଆପଣମାନେ ହିଁ ଆଶୀର୍ବାଦ ଦେଇ ଏହାକୁ ଗଠନ କରିବେ ବୋଲି କହିଥିଲେ ଶ୍ରୀ ପାଣ୍ଡିଆନ। ନିର୍ବାଚନୀ ସମାବେଶରେ ରାଜ୍ୟ ସଭା ସାଂସଦ ଶୁଭାଷିଶ ଖୁଣ୍ଟିଆ ସ୍ୱାଗତ ଭାଷଣ, ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାଶବର୍ମା, ବ୍ରହ୍ମଗିରି ବିଧାୟକ ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ, ପୁରୀ ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତି, ପିପିଲି ବିଧାୟକ ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥି, ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଭୋଟ ଭିକ୍ଷା କରିଥିଲେ। ପୁରୀ ଜିଲ୍ଲା ବିଜେଡି ସଭାପତି ଦିବାକର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ନିର୍ବାଚନ ପାଇଁ ପୁରୀ ପୁଲିସ ସମ୍ପୂର୍ଣ୍ଣ ସଜାଗ

## ୧୮୨ଟି ସମ୍ବେଦନଶୀଳ ବୁଥ୍‌ରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା

ପୁରୀ, ୨୨।୫ (ସମିସ): ଆଗାମୀ ନିର୍ବାଚନ ପାଇଁ ଜିଲ୍ଲା ପୋଲିସ ସମ୍ପୂର୍ଣ୍ଣ ସଜାଗ ରହିଛି। ନିର୍ବାଚନ ପୂର୍ବ, ନିର୍ବାଚନ ଦିନ, ନିର୍ବାଚନ ପରବର୍ତ୍ତୀ ଦିନ ସହ ଭୋଟ ଗଣତି ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ରଙ୍କ ନେତୃତ୍ୱରେ କଡାକଡି କରାଯାଇଛି। ଜିଲ୍ଲାର ମୋଟ ୧୫୯୮ ଟି ବୁଥ୍ ୧,୨୨୨ ଟି ଲୋକେସନରେ ରହିଛି। ସେଥିମଧ୍ୟରୁ ୧୮୨ଟି ବୁଥ୍‌କୁ କ୍ରିଟିକାଲ ବା ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ସୁରକ୍ଷା ପଦକ୍ଷେପ ନିଆଯାଇଛି। ୨୪୬ଟି ସଖି ବୁଥ୍ କରାଯାଇଛି। ୧୭୬ଟି ସେକ୍ଟର ଓ ୧୦୨ଟି ମୋବାଇଲ ଲୋକେସନ ହୋଇଛି। ୩୬ଟି ଫ୍ଲାଇଙ୍ଗ ସ୍କ୍ୱାର୍ଡ, ୩୬ ଷ୍ଟାଟିକ ସର୍ଭିଲାନ୍ସ ଟିମ, ୮ ଟି ଚେକ୍‌ପୋଷ୍ଟ ଓ ୬ଟି କୁଇକ ରେସପନ୍ସ ଟିମ୍ କାର୍ଯ୍ୟ କରୁଛି। ନିୟମିତ ଧରପଗଡ଼ ସହ ଅବକାରୀ ଚଢାଉ ଜାରି ରହିଛି ଓ ୫୪୨ ଜଣଙ୍କୁ ଗିରଫ କରାଯାଇ ମାଦକ ଦ୍ରବ୍ୟ ମଧ୍ୟ ଜବତ ହୋଇଛି। ଲାଇସେନ୍ସ ପ୍ରାପ୍ତ ୬୬୮ ବନ୍ଧୁକକୁ ଫେରେଇ ଅଣାଯାଉଛି। ନିର୍ବାଚନ ଦିନ ୧୧ କମ୍ପାନୀ ସିଏପିଏଫ ବା କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଓ ୫୩ ସେକ୍ସନ ଏସ୍‌ଏପି ବା ରାଜ୍ୟ ସଶସ୍ତ୍ର ପୁଲିସର ବ୍ୟବସ୍ଥା ହୋଇଛି। ଷ୍ଟ୍ରଙ୍ଗ ରୁମ ସୁରକ୍ଷା ପାଇଁ ୩ ପ୍ଲାଟୁନ ସିଏପିଏଫ ଓ ୩ ପ୍ଲାଟୁନ ଏସ୍‌ଏପି ବ୍ୟବସ୍ଥା ହୋଇଛି।

**ନାବାଳିକାକୁ ଯୌନ ନିର୍ଯାତନା ମାମଲା**

## ଦୋଷୀକୁ ୩ ବର୍ଷ କାରାଦଣ୍ଡ

ପୁରୀ, ୨୨।୫ (ସମିସ): ୨୦୨୦ ମସିହାରେ ଗୋପ ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ଗୋପ ଥାନା ଅନ୍ତର୍ଗତ ଉଦୟଗିରି ସାହିର ମାନସ ରଞ୍ଜନ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ୨୦୨୦ ମସିହା ମେ ୧୦ ତାରିଖରେ ଜଣେ ନାବାଳିକାକୁ ରଞ୍ଜନ ଯୌନ ନିର୍ଯାତନା ଦେଇଥିଲା। ଅଭିଯୋଗକୁ ଆଧାର କରି ଗୋପ ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୧୨୦/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। ସେହିପରି ପୀଡ଼ିତାଙ୍କୁ ରାଜ୍ୟ ସରକାର ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ଅଦାଲତଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।

## ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି



ପୁରୀ, ୨୨।୫ (ସମିସ): ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ତଥା ନୃସିଂହ ଚତୁର୍ଦ୍ଦଶୀରେ ବୁଧବାର ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଯାତ ଭୋଗ ସରିବା ପରେ ଠାକୁର ଚନ୍ଦନକୁ ଯାଇଥିଲେ। ଏହାପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ହୋଇଥିଲା। ଚନ୍ଦନରୁ ଠାକୁର ଫେରିବା ପରେ ହୋମପାଳିଆ ପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଓ ଦୋଳମଣ୍ଡପ ସାହି ଦେଇ ଚକ୍ରନାରାୟଣ ମନ୍ଦିରକୁ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଚକ୍ରନାରାୟଣଙ୍କୁ ଲାଗି କରି ଫେରିଥିଲେ। ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢ଼ିଥିଲା। ପରେ ତିନିବାଡ଼ରେ ଠାକୁରଙ୍କ ପଞ୍ଚାମୃତ ମହାସ୍ନାନ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଠାକୁର ନୂଆଲୁଗା ଲାଗି ହୋଇ ୬ ମୂର୍ତ୍ତି ଅଳଙ୍କାର ଓ ଖଣ୍ଡେ ଆଜ୍ଞାମାଳ ଲାଗି ହୋଇଥିଲେ। ପାଣି ପଡ଼ି ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମହାଜନ ସେବକ ନୃସିଂହଙ୍କୁ ଦକ୍ଷିଣୀଘରୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଦେବା ପରେ ମହାଜନ ସେବକ ମୁକ୍ତିମଣ୍ଡପ ଉପରକୁ ନୃସିଂହଙ୍କୁ ଖଟୁଲିରେ ବିଜେ କରାଇଥିଲେ। ନୃସିଂହ ବିଜେ କରିବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଆଲଟ ଲାଗି ହୋଇ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ମାଉସୀ ମା' ମନ୍ଦିରରେ ଜଳାଶାୟୀ ନୀତି



ପୁରୀ, ୨୨।୫ (ସମିସ): ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଅବସରରେ ବୁଧବାର ମାଉସୀ ମା' ମନ୍ଦିରରେ ଜଳାଶାୟୀ ନୀତି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ରାହ୍ମଣ ଯୁବକମାନେ କୂଅରୁ ଜଳ ଆଣି ଏଥିରେ ସାମିଲ ହୋଇଥିଲେ। ଠାକୁରାଣୀଙ୍କୁ ଜଳ ମଧ୍ୟରେ ନିମଗ୍ନ କରିଥିଲେ। ମାତ୍ର ଏହି ଜଳ ଶୁଷ୍କ ହୋଇଯିବା ପରେ ଭୋଗରାଗ ଓ ନୀତି ସମ୍ପନ୍ନ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଅସୁବିଧା ଦୂର ପାଇଁ ମାଉସୀ ନଦୀଜଳ ଶୋଷି ନେଇଥିବାରୁ ମହାପ୍ରଭୁ ଜଗନ୍ନାଥ କଥା ରକ୍ଷା କରି ବାହୁଡିବା ସମୟରେ ମାଉସୀ ମା' ମନ୍ଦିରରେ ପୋଡ଼ପିଠା ଖାଇ ଯାଇଥାନ୍ତି ବୋଲି ପୂଜକ ଶ୍ରୀ ମିଶ୍ର କହିଛନ୍ତି।

## ପ୍ରାର୍ଥୀଙ୍କ ଖର୍ଚ୍ଚ ତଦାରଖ କଲେ ପର୍ଯ୍ୟବେକ୍ଷକ

ପୁରୀ, ୨୨।୫ (ସମିସ): ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀମାନଙ୍କ ଖର୍ଚ୍ଚ ତଦାରଖ କରିଛନ୍ତି ଖର୍ଚ୍ଚ ପର୍ଯ୍ୟବେକ୍ଷକ ମଦନପାଲ ସିଂ। ବୁଧବାର ପୂର୍ବାହ୍ନରେ ୧୦୮ ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀମାନଙ୍କ ଖର୍ଚ୍ଚ ତଦାରଖ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ସିଂ ସମସ୍ତ ପ୍ରାର୍ଥୀଙ୍କ ଖର୍ଚ୍ଚର ସମୀକ୍ଷା ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ କରାଇଥିଲେ। ସେହିପରି ୧୦୯ ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀମାନଙ୍କ ଖର୍ଚ୍ଚ ତଦାରଖ ସର୍କିଟ ହାଉସ୍‌ଠାରେ ଓ ୧୧୦ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀମାନଙ୍କ ଖର୍ଚ୍ଚ ସମୀକ୍ଷା ପିପିଲି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷାରେ ସମସ୍ତ ପ୍ରାର୍ଥୀଙ୍କ ପ୍ରତିନିଧି, ସହକାରୀ ଖର୍ଚ୍ଚ ତଦାରଖ ଅଧିକାରୀ, ପର୍ଯ୍ୟବେକ୍ଷକଙ୍କ ଲିଆସନିଙ୍ଗ ଅଫିସର ଦିପ୍ତୀରଞ୍ଜନ ପ୍ରଧାନ, ଆକାଉଣ୍ଟିଂ ଟିମ୍ ପ୍ରମୁଖ ଯୋଗ ଦେଇଥିଲେ।

### ଖୋର୍ଦ୍ଧାରେ ନବୀନଙ୍କ ଜୋର୍‌ଦାର୍ ପ୍ରଚାର...

# ବିରୋଧୀଙ୍କ କୁମ୍ଭୀର କାନ୍ଦଣା ଓ ମିଥ୍ୟା ପ୍ରତିଶ୍ରୁତିରେ ବିଶ୍ୱାସ କରନ୍ତୁ ନାହିଁ







**ଖୋର୍ଦ୍ଧା, ୨୨।୫(ସମିସ)**

ନୀର୍ବାଚନୀ ମହାସମର ପାଇଁ ବୁଧବାର ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଖୋର୍ଦ୍ଧା ଗସ୍ତ କରି ନିର୍ବାଚନୀ ପ୍ରଚାର କରିଛନ୍ତି ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭୁବନେଶ୍ୱର ସାଂସଦ ପ୍ରାର୍ଥୀଙ୍କ ସମେତ ସମସ୍ତ ବିଧାନସଭାର ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି।



## ମଧ୍ୟବିତ୍ତଙ୍କୁ ମିଳିବ ଖୁସି ଖବର: କାର୍ତ୍ତିକ ପାଣ୍ଡିଆନ

ସ୍ଥାନୀୟ ହାବେଳୀ ପଡ଼ିଆରେ ଆୟୋଜିତ ବିଶାଳ ସମାବେଶରେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଥିଲେ। ପ୍ରଥମେ ଜୟ ଜଗନ୍ନାଥରୁ ଭାଷଣ ଆରମ୍ଭ କରିଥିଲେ। ଓଡ଼ିଶାରେ ଯେଉଁଭଳି ଭାବେ ବିକାଶ ଆଗେଇ ଚାଲିଛି ବିରୋଧି ଦେଖି ସହି ପାରୁନାହାନ୍ତି। ବିକାଶର ଚିତ୍ରକୁ ନେଇ ବିରୋଧି ଖାଲି କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି। ରାଜ୍ୟ ସରକାର ରାଜ୍ୟବାସୀଙ୍କ ପାଇଁ କଣ କରିଛନ୍ତି ତାର ହିସାବ ଦେଇଥିବା ବେଳେ ବିରୋଧୀଙ୍କ ଅପପ୍ରଚାର ଓ ମିଥ୍ୟା ପ୍ରତିଶ୍ରୁତିରେ ବିଶ୍ୱାସ ନକରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ। ଅପରାଜିତାଙ୍କୁ ମଧ ଟାର୍ଗେଟ କରି ନବୀନ କହିଲେ ପୁରୀ ପରିକ୍ରମା ପ୍ରକଳ୍ପ ଓ ଏକାମ୍ର ପ୍ରକଳ୍ପକୁ ବନ୍ଦ କରିବାକୁ ଭୁବନେଶ୍ୱର ସାଂସଦ ଚେଷ୍ଟା କରିଥିଲେ ବୋଲି କହିଛନ୍ତି ନବୀନ। ବିଜେଡିର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଦୁଇଟି ଶଙ୍ଖରେ ଭୋଟ ଦେବାକୁ କହିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ।

ଏହି ଅବସରରେ ବିଜେଡି ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ କହିଥିଲେ, ମଧ୍ୟବିତ୍ତଙ୍କୁ ମିଳିବ ଖୁସିଖବର। ମଧ୍ୟବିତଙ୍କ ପାଇଁ ୫ଟି ବଡ଼ ନିଷ୍ପତି ନିଆଯାଇଛି। ନୂଆ ଓଡ଼ିଶା ଗଠନ ପାଇଁ ମଧ୍ୟବିତ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଜେଡିର ଇସ୍ତାହାରରେ ମଧ୍ୟବିତଙ୍କ ପାଇଁ ୫ଟି ବଡ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସହରାଞ୍ଚଳ ସହିତ ସମସ୍ତ ମଧ୍ୟବିତଙ୍କୁ ବିଏସକେୱାଇ ନବୀନ କାର୍ଡ ପ୍ରଦାନ କରାଯିବ। ଘର କିଣିବାକୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧ ରିହାତି ମିଳିବ। ମଧ୍ୟବିତଙ୍କ ପିଲାଙ୍କ ପାଠପଢ଼ା ପାଇଁ ଶିକ୍ଷା ଲୋନ ଉପରେ ବି ମିଳିବ ସୁଧ ରିହାତି। ମଧ୍ୟବିତ୍ତ ଆଗକୁ ବଢ଼ିଲେ ସର୍ଭିସ୍ ସେକ୍ଟର ଆଗକୁ ବଢ଼ିବ ଏବଂ ରାଜ୍ୟ ଆଗକୁ ବଢ଼ିବ। ରାଜ୍ୟର ଅର୍ଥନୈତିକ ବିକାଶ ହେବ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ।

ସେହିପରି ଶ୍ରୀ ପାଣ୍ଡିଆନ ସାଂସଦଙ୍କୁ କଡ଼ା ସମାଲୋଚନା କରିଥିଲେ। ଅପରାଜିତା ଜଣେ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଥିଲେ। ବିଭିନ୍ନ ଦାୟିତ୍ୱରେ ରହିଥିଲେ। ସେ ଚାହିଁଥିଲେ ଭୁବନେଶ୍ୱର ପାଇଁ ଅନେକ ଯୋଜନା ଆଣିପାରିଥାନ୍ତେ। ଖୋର୍ଦ୍ଧାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍‌ଯୋଗ ପ୍ରତିଷ୍ଠା ହୋଇପାରିଥାନ୍ତା। ଭୁବନେଶ୍ୱର ରିଂ ରୋଡ୍ ପାଇଁ ଏଯାଏ ଇଟା ଖଣ୍ଡେ ପଡ଼ିନି। ପାଇକ ବିଦ୍ରୋହ ଓଡିଆ ଜାତିର ଅସ୍ମିତା। ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ଦାବି କରି ମୁଖ୍ୟମନ୍ତ୍ରୀ ଅନେକ ଥର ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ସଂସଦରେ ଦିନେ ବି ଉଠାଇ ନାହାନ୍ତି ଅପରାଜିତା। ଖୋର୍ଦ୍ଧାରେ ଏକାଧିକ ରାଷ୍ଟ୍ରାୟତ କମ୍ପାନୀ ପ୍ରତିଷ୍ଠା କରିବା ଦ୍ୱାରା ଶିଳ୍ପର ଅଭିବୃଦ୍ଧି ସହ ସ୍ଥାନୀୟ ନିଯୁକ୍ତି ବଢ଼ିବ ବୋଲି କହିଥିଲେ।



ସେହିପରି ବିରୋଧୀଙ୍କୁ ଟାର୍ଗେଟ କରି ଶ୍ରୀ ପାଣ୍ଡିଆନ କହିଛନ୍ତି, ନିର୍ବାଚନ ଆସିଲେ ବିଜେପିର ମାଳ ମାଳ କେନ୍ଦ୍ରୀୟ ନେତା ଦେଖାଦେବେ, କିନ୍ତୁ ପରେ ଆଉ ଦେଖାମିଳିବ ନାହିଁ। ସେହିପରି ଜୁଲାଇରୁ ୧୦୦ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିଲ୍ ଛାଡ ହେବ ଏବଂ ମିଶନ ଶକ୍ତି ମାଆଙ୍କୁ ଭତ୍ତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ସହିତ ଷଷ୍ଠ ଥର ପାଇଁ ଆସନ୍ତା ୯ ତାରିଖରେ ନବୀନ ପଟ୍ଟନାୟକ ପୁଣି ଶପଥ ନେବେ ବୋଲି କହିଥିଲେ ଶ୍ରୀ ପାଣ୍ଡିଆନ। ତେବେ ମୁଖ୍ୟମନ୍ତ୍ରୀ ଶପଥ ନେବା ପରେ ୩ଟି ପ୍ରସଙ୍ଗକୁ ପ୍ରାଥମିକତା ଦେବେ। ଜୁଲାଇ ପହିଲାରୁ ମାଗଣା ବିଜୁଳି, ମଧ୍ୟବିତ ଙ୍କୁ ବିଏସକେୱାଇ, ନୂଆ ଓ ଯୁବ ବର୍ଗ ଓ ନୂଆ ଛାତ୍ରବୃତ୍ତିକୁ କାର୍ଯ୍ୟକାରୀ କରିବେ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ସାଂସଦ ଓ ବିଧାୟକଙ୍କ ପାଇଁ ଦୁଇଟି ଶଙ୍ଖରେ ଭୋଟ ଦେବାକୁ ଶ୍ରୀ ପାଣ୍ଡିଆନ ଅନୁରୋଧ କରିଥିଲେ।

ପ୍ରାରମ୍ଭରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଞ୍ଚ ଉପରେ ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ଖୋର୍ଦ୍ଧା ପ୍ରାର୍ଥୀ ରାଜେନ୍ଦ୍ର ସାହୁ, ଜଟଣୀ ପ୍ରାର୍ଥୀ ବିଭୂତିଭୂଷଣ ବଳବନ୍ତରାୟ, ଜୟଦେବ ପ୍ରାର୍ଥୀ ନବକିଶୋର ମଲ୍ଲିକ ଓ ବେଗୁନିଆ ପ୍ରାର୍ଥୀ ପ୍ରଦୀପ ସାହୁ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ପରିଷଦ ଅଧକ୍ଷା ରୁପଶ୍ରୀରାଣୀ ଗୁମାନସିଂହ ଧନ୍ୟବାଦ ଦେଇଥିଲେ।

# ଘରେ ରହି ଭୋଟଦେଲେ ଦିବ୍ୟାଙ୍ଗ ଓ ବୟସ୍କ ଭୋଟର

**ବାଲୁଗାଁ, ୨୨।୫(ସମିସ) :** ଜାତୀୟ ନିର୍ବାଚନ ଆୟୋଗଙ୍କ ଆହ୍ୱାନ କ୍ରମେ ତଥା ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିଲିକା ବ୍ଲକ, ବାଣପୁର ବ୍ଲକ ଓ ଏନ୍‌ଏସି ଏବଂ ବାଲୁଗାଁ ଏନଏସିର ଦିବ୍ୟାଙ୍ଗ ଓ ବୟସ୍କ ଭୋଟରଙ୍କ ମତଦାନ କଡା ସୁରକ୍ଷା ମଧ୍ୟରେ ଗ୍ରହଣ କରାଯାଇଛି। ଏହି ଭୋଟ ଗ୍ରହଣ କାର୍ଯ୍ୟରେ ଜଣେ ଲେଖାଏଁ ପ୍ରିଜାଇଡିଙ୍ଗ୍ ଅଫିସର, ପୁଲିଂ ଲେବଲ୍ ଅଫିସର, ତୃତିୟ ରିଜର୍ଭ ବାଟାଲିୟନ ଫୋସ୍‌ର୍ ଓ କ୍ୟାମେରା ମ୍ୟାନଙ୍କୁ ନେଇ ବିଭିନ୍ନ ଟିମ୍‌ମାନ ଗଠନ କରାଯାଇ ଥିବା ବେଳେ ଭିନ୍ନ ଭିନ୍ନ ଟିମ ନିର୍ବାଚନ ମଣ୍ଡଳୀର ଦୁଇ ବ୍ଲକ ଓ ଏନଏସି ଅଞ୍ଚଳ ବୁଲି କଡା ସୁରକ୍ଷା ବଳୟ ମଧ୍ୟରେ ଦିବ୍ୟାଙ୍ଗ ଓ ବୟସ୍କ ଭୋଟରଙ୍କ ମତଦାନ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଏନ୍‌ଏସି ଅଧିନ ବିଭିନ୍ନ ଗ୍ରାମରୁ ୧୬ ଜଣ ଦିବ୍ୟାଙ୍ଗ ଓ ବୟସ୍କ ଭୋଟରଙ୍କ ଘର କୁ ଘର ବୁଲି ଉକ୍ତ ଟିମ୍ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭୋଟ ଗ୍ରହଣ କରିଛନ୍ତି। ତନ୍ମଧ୍ୟରୁ ବାଲୁଗାଁ ଏନ୍‌ଏସି ଅଞ୍ଚଳର ୯୦ ପ୍ରତିଶତ ଦିବ୍ୟାଙ୍ଗ ଯୁବକ ଶୁଶୀଲ ପରିଡ଼ା ଙ୍କ ସମେତ ଅନ୍ୟ ଦିବ୍ୟାଙ୍ଗ ଓ ବୟସ୍କ ଭୋଟରମାନେ ନିଜ ଘରେ ରହି ନିଜ ମନ ପସନ୍ଦର ପ୍ରାର୍ଥୀ ଚୟନ କରି ମତଦାନ କରି ପାରି ଥିବାରୁ ବହୁ ଉତ୍ସାହିତ ହୋଇଥିବା ବେଳେ ପ୍ରଶାସନର ଏଭଳି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି।




# ଜଟଣୀ ନିର୍ବାଚନ ମଣ୍ଡଳୀ > ୨୫୪ଟି ବୁଥ୍‌ରେ ଭୋଟଦେବେ ୨ଲକ୍ଷ ୪୫ହଜାର ଭୋଟର

**ଜଟଣୀ, ୨୨।୫(ସମିସ):** ସାଧାରଣ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣକୁ ଆଉ ମାତ୍ର କିଛି ଦିନ ଥିବା ବେଳେ ପ୍ରଶାସନ ପକ୍ଷରୁ ନିର୍ବାଚନ ମଣ୍ଡଳୀରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ନିର୍ବାଚନରେ ଜଟଣୀ ନିର୍ବାଚନ ମଣ୍ଡଳୀରୁ ସମୁଦାୟ ୨୫୪ଟି ବୁଥ୍‌ରେ ୨ଲକ୍ଷ ୪୫ହଜାର ୨୭୧ ଭୋଟର ମତଦାନ କରିବେ। ଏଥିସହ ସମୁଦାୟ ୩୫ଜଣ ତୃତୀୟ ଲିଙ୍ଗୀ(କିନ୍ନର ) ଭୋଟର ଅଛନ୍ତି। ସେହିପରି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୩୨ଟି ପଞ୍ଚାୟତ ଥିବା ବେଳେ ଭୁବନେଶ୍ୱର ବ୍ଲକର ୧୦ଟି, ପଞ୍ଚାୟତରେ ୫୯ଟି ବୁଥ୍ ହୋଇଛି। ଜଟଣୀ ବ୍ଲକର ୧୫ଟି ପଞ୍ଚାୟତରେ ୯୬ଟି ବୁଥ ଓ ଖୋର୍ଦ୍ଧା ବ୍ଲକର ୭ଟି ପଞ୍ଚାୟତରେ ୪୯ଟି ବୁଥ୍ ରହିଛି। ଏଥିସହ ବିଏମସି ଅଧିନରେ ୮ଟି ବୁଥ୍ ହୋଇଥିବା ବେଳେ ଜଟଣୀ ପୌରପାଳିକାର ୨୩ଟି ୱାର୍ଡର ୪୨ଟି ବୁଥ ହୋଇଛି। ଅନ୍ୟପଟେ ୨୫ତାରିଖ ସକାଳ ୭ରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ୧୭୮ଟି ସାଧାରଣ ବୁଥ୍‌ରେ କେବଳ ପୁରୁଷ ଭୋଟ ଗ୍ରହଣ ଅଧିକାରୀ ପରିଚାଳନା ଦାୟିତ୍ୱରେ ରହିବେ। ସେହିପରି ୪୭ଟି ସଖି (ସଖି ବୁଥ) ମତଦାନ କେନ୍ଦ୍ରରେ କେବଳ ମହିଳା ଭୋଟ ଅଧିକାରୀ ପରିଚାଳନା କରିବେ। ୨୮ଟି ମତଦାନ କେନ୍ଦ୍ରରେ ଉଭୟ ପୁରୁଷ ଓ ମହିଳା (ମିଶ୍ରିତ ବୁଥ)ରେ ଅଧିକାରୀମାନେ ପରିଚାଳନା କରିବା ସହ ୧ଟି ମତଦାନ କେନ୍ଦ୍ରକୁ ଦିବ୍ୟାଙ୍ଗ ଭୋଟ ଅଧିକାରୀ ପରିଚାଳନା କରିବେ। ଚଳିତ ନିର୍ବାଚନରେ ୨ହଜାର ୧୭୦ଜଣ ନୂତନ ଭୋଟର ଭୋଟ ପ୍ରଦାନ କରିବେ। ଅନ୍ୟପଟେ ୨୫୪ଟି ବୁଥ୍ ମଧ୍ୟରୁ ୧୩୫ଟି ବୁଥ୍‌ରେ ୱେବ୍‌କାଷ୍ଟିଂ ନଜରରେ ରହିବ। ୩୫ଟି ସମ୍ବେଦନଶୀଳ ବୁଥ୍ ଥିବାବେଳେ ୨ଟି ଅସୁରକ୍ଷିତ ବୁଥ୍ ଘୋଷଣା କରାଯାଇଛି। ଆସନ୍ତାକାଲି (ଗୁରୁବାର)୧୭୮ଟି ସାଧାରଣ ବୁଥ୍‌କୁ ଭୋଟ ଗ୍ରହଣ ଅଧିକାରୀ ଆସିବେ ଓ ଅନ୍ୟ ୭୬ଟି ସଖି ଓ ଉଭୟ ମହିଳା ଓ ପୁରୁଷ ଏବଂ ଦିବ୍ୟାଙ୍ଗ ଭୋଟ ଅଧିକାରୀ ଆସନ୍ତା ୨୪ତାରିଖରେ ପହଞ୍ଚିବେ। ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ସମସ୍ତ ବୁଥରେ ପାନୀୟ ଜଳ ଓ ଘୋଳ ଦହିର ବ୍ୟବସ୍ଥା କରାଯିବ। ସମସ୍ତ ଭୋଟରଙ୍କୁ ୨୫ତାରିଖରେ ନିଜ ନିଜ ବୁଥ୍‌କୁ ଯାଇ ମତଦାନ ପର୍ବରେ ସାମିଲ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ଚଳିତ ନିର୍ବାଚନରେ ୨ହଜାର ୧୭୦ଜଣ ନୂତନ ଭୋଟର ଭୋଟ ପ୍ରଦାନ କରିବେ। ଅନ୍ୟପଟେ ଜଟଣୀ ବ୍ଲକରେ ୧୧ଟି ସଖି ବୁଥ୍ ୩ଟି ସ୍କୁଲରେ କରାଯିବ। ସରକାରୀ ଉଚ୍ଚ ବିଦ୍ୟାଳୟ କୁସମାଟି ଛଣଘର-୬ଟି ସଖି ବୁଥ୍, ସରକାରୀ ଉଚ୍ଚ ବିଦ୍ୟାଳୟ ମୁଣ୍ଡମୁହାଣ, ଯାଆଁଳା-୩ଟି ସଖି ବୁଥ୍, ସରକାରୀ ଉଚ୍ଚ ବିଦ୍ୟାଳୟ ଆରୁଗୁଳ ୨ଟି ସଖି ବୁଥ୍‌ର ବ୍ୟବସ୍ଥା କରାଯାଇଛି ବୋଲି ଜଟଣୀ ବ୍ଲକ୍ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ପ୍ରେମୀ ଯୁଗଳଙ୍କ ମୃତ୍ୟୁ ଘଟଣା / ପୁଅ ଘର ପକ୍ଷରୁ ରାସ୍ତା ଅବରୋଧ

### ହତ୍ୟା ନା ଆତ୍ମହତ୍ୟା ସନ୍ଦେହ

**ବେଗୁନିଆ, ୨୨।୫(ସମିସ):** ବେଗୁନିଆ ଥାନା ଅନ୍ତର୍ଗତ ଅଠରାଙ୍ଗ ଗ୍ରାମ ନିକଟସ୍ଥ ବଡବନ୍ଧ ନଈ ପଠାରୁ ମଙ୍ଗଳବାର ଦିନ ପୁଲିସ ପ୍ରେମୀଯୁଗଳଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା। ମୃତଦେହ ଦୁଇଟି ମଧ୍ୟରୁ ଜଣେ ଯୁବକ ଓ ଜଣେ ଯୁବତୀଙ୍କର ହୋଇଥିବାବେଳେ ସେମାନଙ୍କର ଶରୀର ପଚି ନଷ୍ଟ ହୋଇଯାଇଥିବାରୁ ପରିଚୟ ଜଣା ପଡ଼ିନଥିଲା। ଅଠରାଙ୍ଗ ଗ୍ରାମର ଗୋବିନ୍ଦ ବଳିଆରସିଂହଙ୍କ ପୁଅ ରାମଚନ୍ଦ୍ର ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଲାଠିପଡ଼ା ଗ୍ରାମର ପୂର୍ଣ୍ଣିମାଙ୍କୁ ନେଇ ଚଳିତ ମାସ ୧୩ ତାରିଖରୁ ଘରୁ ନିଖୋଜ ଥିବାର ବେଗୁନିଆ ଥାନାରେ ଅଭିଯୋଗ ହୋଇଥିଲା। ତେବେ ମଙ୍ଗଳବାର ଦିନ ନଈ ପଠାରୁ ଦୁଇଜଣଙ୍କ ଶବ ଉଦ୍ଧାର ହେବା ଖବର ପାଇ ରାମଚନ୍ଦ୍ରଙ୍କ ପରିବାରଲୋକ ପୁଅର ଚଷମା, ଚପଲ, ବେଲ୍ଟ ଆଦି ଦେଖି ପୁଅ ବୋଲି ଚିହ୍ନି ପାରିଥିଲେ। ଝିଅ ଘର ଲୋକମାନେ ତାଙ୍କ ପୁଅକୁ ମାରି ଦେଇଥିବାର ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ବୁଧବାର ଦିନ ପୂର୍ବାହ୍ନରେ ପୁଅର ମା ଗୀତା ଦୋଷୀକୁ ଉପଯୁକ୍ତ ଦଣ୍ଡ ଦାବିରେ ଗ୍ରାମ ମୁଣ୍ଡରେ ରାସ୍ତା ଉପରେ ଟାୟାର ଜାଳି ଖୋର୍ଦ୍ଧା-ସିକୋ ରାସ୍ତା ଅବରୋଧ କରି ବସି ରହିଥିଲେ। ଅପରାହ୍ନ ସମୟରେ ଖୋର୍ଦ୍ଧା ଜିଲ୍ଲା ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିଲ୍ଲୀପ କୁମାର ଦାସ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଓ ସ୍ଥାନୀୟ ବିଟ ହାଉସ ଅଧିକାରୀ ସରୋଜ କୁମାର ସେନାପତି ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝା ସୁଝା କରି ରାସ୍ତା ଉପରୁ ଉଠାଇଥିଲେ। ପରେ ସାଇଣ୍ଟିଫିକ ଟିମ ପହଞ୍ଚି ଦାନାଦାର ଗୁଣ୍ଡ ଓ ମୋବାଇଲ ସମେତ ଶରୀରର ବିଭିନ୍ନ ଅଂଶର ନମୁନା ସଂଗ୍ରହ କରି ପରୀକ୍ଷା ଲାଗି ପଠାଇବା ସହ ବ୍ୟବଛେଦ ରିପୋର୍ଟ ଆସିଲେ ହତ୍ୟା ନା ଆତ୍ମହତ୍ୟା ପ୍ରକୃତ ସତ୍ୟ ଜଣା ପଡ଼ିବ ବୋଲି ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି। ଅପର ପକ୍ଷରେ ପୁଲିସ ସନ୍ଦେହରେ ପାରିପାର୍ଶିକ ପରିବେଶକୁ ଦେଖି ଆଖହତ୍ୟାର ରୁପରେଖ ଦେଉଥିବା ବେଳେ ଉଭୟ ପରିବାର ପକ୍ଷରୁ ହତ୍ୟା କରାଯାଇଛି ବୋଲି ଦୋଷାରୋପ କରି ଅଭିଯୋଗ କରିଛନ୍ତି।

### ଥାନା ଭିତରେ ପଶି ଆକ୍ରମଣ ଧମକ

## ସୋନାଲୀଙ୍କ ପରେ ପ୍ରଶାନ୍ତଙ୍କୁ ଭର୍ତ୍ସନାକଲେ କାଳୁ

**ଖୋର୍ଦ୍ଧା, ୨୨।୫(ସମିସ):** ଥାନାରେ ପଶି ଭଙ୍ଗାରୁଜା କରିବା, ଏସ୍‌ପି ଅଫିସ ଓ ଜିଲ୍ଲାପାଳ ଅଫିସ ଭାଙ୍ଗିବାକୁ ଧମକ ଦେଇ ବିବାଦରେ ପୁଣି ଫସିଛନ୍ତି ଖୋର୍ଦ୍ଧାର ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ଓରଫ ଗଣେଶ। ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀ କରି ଏଭଳି ମନ୍ତବ୍ୟ ଦେବା ପରେ କେବଳ ଖୋର୍ଦ୍ଧା ନୁହେଁ ବିଭିନ୍ନ ସ୍ଥାନରୁ ତାଙ୍କୁ ଏନେଇ ହଟହଟା ହେବାକୁ ପଡ଼ିଥିବା ଜଣାଯାଇଛି। ଖୋର୍ଦ୍ଧା ବିଧାନସଭାର କଂଗ୍ରେସ ପ୍ରାର୍ଥୀ ସୋନାଲୀ ସାହୁ ପ୍ରଶାନ୍ତଙ୍କୁ ନୈତିକତାର ପାଠ ପଢ଼ାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡେଇତରାୟ ତାଙ୍କୁ ଭର୍ତ୍ସନା କରିଛନ୍ତି। ସ୍ଥାନୀୟ ସାମନ୍ତରାପୁରସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖଣ୍ଡେୟତରାୟ କହିଛନ୍ତି ଯେ, ବିଜେପି ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ନିର୍ବାଚନ କରାଇ ନଦେବାକୁ ଧମକ ଦେଉଛନ୍ତି। ମୂଳରୁ ପ୍ରଶାନ୍ତ ଜଗଦ୍ଦେବ ଜଣେ ଗୁଣ୍ଡା। ପ୍ରଶାସନିକ ଅଧିକାରୀଙ୍କୁ ମାରିବା ଠାରୁ କର୍ମୀଙ୍କୁ ଗାଡ଼ି ଚଢ଼ାଇ ମାରିବାକୁ ଉଦ୍ୟମ କରିବାରେ ତାଙ୍କର ଇତିହାସ ରହିଛି। ପ୍ରଶାସନିକ ଅଧିକାରୀମାନେ ତାଙ୍କ କର୍ତ୍ତବ୍ୟ କରୁଛନ୍ତି। ଜଗଦ୍ଦେବ ଯଦି ଅନୁଭବ କଲେ ପ୍ରଶାସନିକ ଅଧିକାରୀ ସୀମା ଉଲ୍ଲଂଘନ କରୁଛନ୍ତି। ଆଇନର ପରିସୀମା ଭିତରେ ରହି କରିପାରିଥାନ୍ତେ। ମାତ୍ର ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଏଭଳି ଅଭଦ୍ରବ୍ୟତ ବ୍ୟବହାର କରିବା ସବୁଠୁ ଧର୍ତ୍ତବ୍ୟ ଅପରାଧ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ତୁଲାଇବା ଲାଗି ଜିଲ୍ଲା ପ୍ରଶାସନକୁ ଶ୍ରୀ ଖଣ୍ଡେୟତରାୟ ନିବେଦନ କରିଛନ୍ତି। ଖୋର୍ଦ୍ଧା ଏକ ଶାନ୍ତିପ୍ରିୟ ସ୍ଥାନ। ଏଠାରେ କୌଣସି ଗଣ୍ଡଗୋଳକାରୀଙ୍କୁ ଲୋକେ ପ୍ରୋତ୍ସାହିତ କରିବେନି ବୋଲି ଶ୍ରୀ ଖଣ୍ଡେୟତରାୟ କହିଛନ୍ତି।

## ଅଟୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ବେଗୁନିଆ, ୨୨।୫(ସମିସ):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ସାରୁଅ-ବାଘମାରୀ ମଧ୍ୟରେ ଥିବା ଶଙ୍ଖ ନିକଟରେ ବୁଧବାର ପୂର୍ବାହ୍ନରେ ବାଇକ୍‌କୁ ଅଟୋ ଧକ୍କା ଦେବାରୁ ବାଇକ୍ ଚାଳକ ଗୁରୁତର ହୋଇ ଭୁବନେଶ୍ୱରରେ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ବାଘମାରି ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ମୁତାବକ ବେଗୁନିଆ ଥାନା ଅନ୍ତର୍ଗତ ଶ୍ରୀଧର ନାଗ ବୁଧବାର ପୂର୍ବାହ୍ନରେ ସାରୁଅ ଗ୍ରାମକୁ ପେଟ୍ରୋଲ ଆଣିବା ପାଇଁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା ବୋଲି କହିଛନ୍ତି।


**Format C-1**

(for candidate to publish in Newspapers, TV)

**Declaration about Criminal cases**

(As per the judgment dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India and Anr.)

**Name and Address of Candidate** : **SHRI DILLIP KUMAR NAYAK,** S/o- Late Bipin Bihari Nayak, aged 51 years, resident of Vill: Chakorada, Po- Tampalo, Ps.- Nimapara, Dist.- Puri

Name of Political Party : **BIJU JANATA DAL**

Name of Election : **GENERAL ELECTIONS TO STATE LEGISLATIVE ASSEMBLY OF ODISHA-2024**

**Name of Constituency** : **106-NIMAPARA_Assembly Constituency**

**I SHRI DILLIP KUMAR NAYAK (name of candidate), a candidate for the above- mentioned election, declare for public information the following details about my criminal antecedents:**

(A) Pending criminal cases

| Sl No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1. | **JMFC, Konark** | **GR No. 711/2022 Dated 05.10.2022** | **For Investigation** | **U/s- 143/147/323/294/307/506/341/149 of IPC & 9(b) Explosive Act/Unlawful assembly/Every member of unlawful assembly guilty of offence committed in prosecution of common object/Wrongful restraint/Unlawful Obstruction of running train/Attempt to murder** |

(B) Detail about cases of conviction for criminal offence(s)

| Sl No. | Name of Court & Date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| 1 | **NA** | **NA** | **NA** |

*In the case of election to Council of States or election to Legislative Council by MLAs, mention the election concerned in the place of name of constituency.

**Sd/- Shri Dillip Kumar Nayak**

## ନୟାଗଡ଼ରେ ବିଜେଡିର ବିଶାଳ ପ୍ରଚାର ସଭା

# ବିରୋଧୀଙ୍କୁ ଟାର୍ଗେଟ କଲେ ନବୀନ











**ନୟାଗଡ଼, ୨୨।୫(ସମିସ):** ନୟାଗଡ଼ ଷ୍ଟାଡିୟମ ପଡ଼ିଆଠାରେ ବୁଧବାର ବିଜୁ ଜନତା ଦଳର ବିଶାଳ ପ୍ରଚାର ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ସଭାରେ ଯୋଗଦେଇ ଦୁଇଟି ଶଙ୍ଖରେ ମତଦାନ ପାଇଁ ଆହ୍ୱାନ ଦେଇଛନ୍ତି । ନିର୍ବାଚନ ସଭାରେ ନୟାଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଡ. ଅରୁଣ କୁମାର ସାହୁ ମୁଁ ନୟାଗଡ଼ ନିର୍ବାଚନ ମଣ୍ଡଳୀର ଶ୍ରେଷ୍ଠ ମୂଲିଆ ବୋଲି ପ୍ରକାଶ କରିଥିଲେ । ଓଡ଼ିଶାର ୪ କୋଟି ଜନତାଙ୍କର ପ୍ରିୟପାତ୍ର ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନୟାଗଡ଼ ଜିଲ୍ଲାର ୪ ଗୋଟି ନିର୍ବାଚନ ମଣ୍ଡଳୀରେ ବିଜେଡିର ଶୁଭ ଧ୍ୱନି ଶୁଭିବ । ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଅନେକ ବିକାଶ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ପାଖରେ ଯାହା ନିବେଦନ କରାଯାଇଛି ମୁଖ୍ୟମନ୍ତ୍ରୀ ତାହା ମଞ୍ଜୁର କରିଛନ୍ତି । ଏଭଳି ବିକାଶ କ୍ଷେତ୍ରରେ ବିରୋଧୀ ଦଳ ଶାଳିନତା ହରାଇଛନ୍ତି । ଏହାର ଜବାବ ଜନତା ଦେବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦାସର୍ବଦା ସରଳତା ଓ ଅମାୟିକ କଥାବାର୍ତ୍ତା କରନ୍ତି । ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ଼ରେ ଶାନ୍ତି ପ୍ରତିଷ୍ଠା ହୋଇଛି । ମୁଁ ମା'ର ମାନସିକତା ନେଇ ନୟାଗଡ଼ ନିର୍ବାଚନ ମଣ୍ଡଳୀର କାମ କରୁଛି । ଆଗାମୀ ଦିନରେ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ କିପରି ଶିକ୍ଷ କ୍ଷେତ୍ରରେ ସମୃଦ୍ଧ ହେବ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଅରୁଣ । ନୟାଗଡ଼ ମାଟି ଯାହା କରେ ତାହା ସାରା ଓଡ଼ିଶା ଅନୁସରଣ କରେ ବୋଲି ଡ. ସାହୁ ପ୍ରକାଶ କରିଥିଲେ । ସଭାରେ ରଣପୁର ବିଜେଡି ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର କଥାକୁ ପ୍ରକାଶ କରିଥିଲେ । ନୟାଗଡ଼ ଜିଲ୍ଲାରେ ବିକାଶ କିପରି ମହାବିକାଶରେ ପରିଣତ ହେବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ପୁରୀ ବିଜେଡି ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ସହ ଡ. ଅରୁଣ କୁମାର ସାହୁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ପୁରୀ ବିଜେଡି ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଃସ୍ୱାର୍ଥପର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ମୋର ଗୋଟିଏ ନିବେଦନ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ । ୯ ଜୁନରେ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶପଥ ନେବେ । ଆପଣମାନଙ୍କର ବିକାଶମୂଳକ କାର୍ଯ୍ୟ ସେ ସମ୍ପାଦନ କରିବେ । ଏହି ନିର୍ବାଚନୀ ପ୍ରଚାର ସଭାରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ 'ଜୟ ଜଗନ୍ନାଥ' କହି ଅଭିଭାଷଣ ରଖିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଆପଣମାନେ ଏତେ ଖରାରେ ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ । ବିଏସକେୱାଇ ଯୋଜନା ଭଲ କି, ମିଶନ ଶକ୍ତି ଭଲ କି, ମମତା ଯୋଜନା ଭଲ କି, କାଳିଆ ଯୋଜନା ଭଲ କି, ମଧୁବାବୁ ପେନସନ ଯୋଜନା ଭଲ କି ଏଭଳି ଅନେକ ପ୍ରସଙ୍ଗ ପଚାରି ଥିଲେ ମୁଖ୍ୟମନ୍ତ୍ରୀ । ଜୁଲାଇରୁ ବିଜୁଳି ବିଲ୍ ଆସିବନି । ବିରୋଧୀ ଦଳର ନେତାମାନେ ମିଛ କଥା କହୁଛନ୍ତି । କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଆପଣ ମାନେ ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ଏହି ଅବସରରେ ଶ୍ରୀ ପାଣ୍ଡିଆନ କଣ୍ଟିଲୋ ନୀଳମାଧବ ମନ୍ଦିର ପ୍ରସଙ୍ଗ, ଜଳ ସେଚନ ପ୍ରସଙ୍ଗ, ବୃତଙ୍ଗ ଜଳସେଚନ ପ୍ରସଙ୍ଗ, '୫-ଟି' ସ୍କୁଲ ଓ ଲକ୍ଷ୍ମୀବସ୍ ଯୋଜନାରେ ୫ ଟଙ୍କାରେ ଯାତାୟାତ ବ୍ୟବସ୍ଥା କେବଳ ମୁଖ୍ୟମନ୍ତ୍ରୀ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏହି ନିର୍ବାଚନୀ ସଭାରେ ନୟାଗଡ଼ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ପଦ୍ମନାଭ ବେହେରା, ନୟାଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଡ. ଅରୁଣ କୁମାର ସାହୁ, ରଣପୁର ବିଜେଡି ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ, ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ, ଲାଲା ମନୋଜ ରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଜିଲ୍ଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ନୟାଗଡ଼ ପୌରାଧକ୍ଷା ନିରୁପମା ଖଟେଇ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଓଡଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ସମେତ ନୟାଗଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲ୍ଲା ପରିଷଦ ଓ ୪୭ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ । ଏହି ଅବସରରେ ହଜାର ହଜାର ମହିଳା ଯୋଗ ଦେଇଥିଲେ । ନୟାଗଡ଼ ପିଟିଏସ ରୋଡରେ ଥିବା ଷ୍ଟାଡିୟମ ପଡ଼ିଆରେ ନିର୍ବାଚନୀ ସଭା କରିଛନ୍ତି । ସକାଳୁ ସକାଳୁ ବହୁ ଛାତ୍ର, ଯୁବ, ମହିଳା, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସମାଜସେବୀ, ଆଇନଜୀବୀ, ବରିଷ୍ଠ ନାଗରିକ ଓ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଏକଜୁଟ ହୋଇଥିଲେ । ନବୀନଙ୍କୁ ଦେଖିବା ସହିତ ତାଙ୍କ ଅଭିଭାଷଣ ଶୁଣିବା ପାଇଁ ଜନସମୁଦ୍ର ପାଲଟିଥିଲା ନୟାଗଡ଼ ସହର । ସକାଳ ୯ଟାରୁ ଲୋକମାନେ ଏକଜୁଟ ହୋଇ ନବୀନଙ୍କୁ ଅପେକ୍ଷା କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ବିଭିନ୍ନ ଯୋଜନା କରିଥିବାରୁ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ନୟାଗଡ଼ ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀରେ ବହୁଦିନ ଧରି ବିଜେଡି ଦବ୍‌ଦବା ରଖିଛି । ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ନିର୍ବାଚନ ସରିଯାଇଥିଲେ ମଧ୍ୟ ବାକିଥିବା ୩ଟି ନିର୍ବାଚନ ମଣ୍ଡଳୀରେ ନବୀନଙ୍କ ହାୱା ଦେଖିବାକୁ ମିଳୁଛି ।

> ➤ ଦୁଇଟି ଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ
> ➤ ୩୫ ହଜାରରୁ ଊର୍ଦ୍ଧ୍ୱ ଜନତା ସାମିଲ

## ସବୁଠି ସାବିତ୍ରୀଙ୍କୁ ମିଳୁଛି ବିପୁଳ ସମର୍ଥନ



**ଖଣ୍ଡପଡ଼ା, ୨୨।୫(ସମିସ):** ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନ ଆଜି ଖଣ୍ଡପଡ଼ା ବ୍ଲକର ଜଗନ୍ନାଥ ପ୍ରସାଦ ପଞ୍ଚାୟତରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି । ଏହି ପ୍ରଚାର କାର୍ଯ୍ୟକ୍ରମରେ ଶତାଧିକ ମୋଟର ସାଇକେଲରେ ରୋଡ଼ ଶୋ' ହେବା ସହ ବହୁ ସଂଖ୍ୟାରେ ମହିଳା, ବରିଷ୍ଠ, ଯୁବ, ଛାତ୍ର ଓ ଛାମୁଆ କର୍ମୀମାନେ ଅଂଶଗ୍ରହଣ କରିଥିଲେ । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିକାଶ ଧାରାକୁ ଆଗକୁ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସହ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଧାୟିକା ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ଏବଂ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ବିଜୟୀ କରିବାକୁ କର୍ମୀମାନେ ଲୋକଙ୍କୁ ସଚେତନ କରାଇଥିଲେ । ବିଶେଷ ଭାବରେ ସାବିତ୍ରୀ ପ୍ରଧାନଙ୍କୁ ସବୁଠି ବିପୁଳ ଜନସମର୍ଥନ ମିଳିଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ବିଭିନ୍ନ ବୁଥ୍‌ରେ ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନଙ୍କୁ ମହିଳାମାନେ ବିପୁଳ ସମର୍ଥନ ଜଣାଇଥିଲେ । ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ମିନତୀ ସାହୁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଭାପୁର ବ୍ଲକ ବିଜେଡି ସଭାପତି ଶିବପ୍ରସାଦ ଷଡ଼ଙ୍ଗୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ ।

## ପୋଖରୀରେ ବୁଡ଼ି ମହିଳା ମୃତ

**ଓଡ଼ଗାଁ, ୨୨।୫(ସମିସ):** ଓଡ଼ଗାଁ ଥାନା ବାହାଡାଝୋଲା ଫାଣ୍ଡି ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତ ବଧୁଲିପୁର ଗାଁରେ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ସେହି ଗାଁର ଦିଲ୍ଲୀପ ମାହାଙ୍କୁଡଙ୍କ ସ୍ତ୍ରୀ ଉର୍ମିଳା ମାହାଙ୍କୁଡ(୨୭) । ଉର୍ମିଳା ବୁଧବାର ସକାଳେ ବାଡ଼ିପଟ ପୋଖରୀକୁ ଗାଧୋଇ ଯାଇଥିଲେ । ଘରକୁ ଫେରିବାରେ ବିଳମ୍ବ ହେବାରୁ ଘରଲୋକ ବହୁ ଖୋଜାଖୋଜି କରିବା ପରେ ପୋଖରୀକୁ ଯାଇଥିଲେ । ସେଠାରେ ଗୋଟିଏ ହଳ ଚପଲ ଥିଲା । ସେହି ଚପଲ ଉର୍ମିଳାଙ୍କ ଜଣାପଡ଼ିବା ପରେ ପରିବାର ଲୋକେ ଦମକଳ କେନ୍ଦ୍ରକୁ ଫୋନ କରିଥିଲେ । ଓଡ଼ଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ ।

## ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ



**ନୟାଗଡ଼, ୨୨।୫(ସମିସ):** ଭାରତର ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ନିଯୁକ୍ତ ୧୨୦-ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଉମାଶଙ୍କର ସିଂ, ୧୧୯-ରଣପୁର ଏବଂ ୧୨୨-ନୟାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଟି.ଭି. ସୁଭାଷ ଏବଂ ଆଇନ ଶୃଙ୍ଖଳା ଓ ପୁଲିସ ପର୍ଯ୍ୟବେକ୍ଷକ ୟାରାମ୍ ନାଗିରେଙ୍କୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସ୍ୱଧା ଦେବ ସିଂ, ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଅବାଧ, ମୁକ୍ତ, ନିରପେକ୍ଷ, ସ୍ୱଚ୍ଛ ଏବଂ ହିଂସାମୁକ୍ତ ନିର୍ବାଚନ କରିବା ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ୍ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ସୁବିଧା ଆପ୍ ଦ୍ୱାରା ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ବା ଦଳମାନଙ୍କୁ ସଭା ସମିତି, ଶୋଭାଯାତ୍ରା ଆଦି ପାଇଁ ପୂର୍ବରୁ ଅନୁମତି ପ୍ରଦାନ କରାଯାଉଛି । ନୟାଗଡ଼ ଜିଲ୍ଲାରେ ଆଚରଣବିଧି କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱାରୋପ କରାଯାଉଥିବା ଜିଲ୍ଲାପାଳ କହିଥିଲେ । ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ସିଂ ଅବକାରୀ ଧରପଗଡ଼ ଉପରେ ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କୁ ପଚାରି ବୁଝିଥିଲେ । ନିର୍ବାଚନରେ ଭାଗ ନେଉଥିବା ପ୍ରାର୍ଥୀମାନଙ୍କର ଖର୍ଚ୍ଚ ଉପରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥ୍ୟ ପ୍ରଦାନ କରିଥିଲେ । ଏହି ବୈଠକରେ ସମସ୍ତ ଆରଓ, ଏଆରଓ, ନୋଡାଲ ଅଧିକାରୀ, ଅତିରିକ୍ତ ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ ।

## ବିଜେଡିରେ ସାମିଲ ହେଲେ ବିଜେପି ନେତା

**ନୟାଗଡ଼, ୨୨।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଉଛନ୍ତି ବିରୋଧୀ ନେତା । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ଅନେକ ବିରୋଧୀ ନେତା ବିଜେଡିରେ ଯୋଗ ଦେଉଛନ୍ତି । ନୟାଗଡ଼ ବ୍ଲକ ଅନ୍ତର୍ଗତ ବିରୁଡା ପଞ୍ଚାୟତର ବିରୁଡା ଗ୍ରାମର ବିରୋଧୀ ଦଳର ନେତା ଦେବରାଜ ପୃଷ୍ଟି, ରାଜକିଶୋର ପୃଷ୍ଟି, ପଠାଣି ମୁଦୁଲି, ମହେଶ୍ୱର ମୁଦୁଲି, ନିତ୍ୟାନନ୍ଦ ମହାରଣା, ପ୍ରହଲ୍ଲାଦ ବେହେରା ଓ ବିଜୟ ମୁଦୁଲି ପ୍ରମୁଖ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଓ ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ ସେମାନଙ୍କୁ ବିଜୁ ଜନତା ଦଳ ତରଫରୁ ସ୍ୱାଗତ କରିଛନ୍ତି । ନବୀନ ପଟ୍ଟନାୟକ ଜିନ୍ଦାବାଦ, ଶଙ୍ଖ ଚିହ୍ନ ଜିନ୍ଦାବାଦ, ବିଜେଡି ଜିନ୍ଦାବାଦ, ଅରୂପ ପଟ୍ଟନାୟକ ଜିନ୍ଦାବାଦ, ଅରୁଣ ସାହୁ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ଜିଲ୍ଲା ପରିଷଦ ସଭ୍ୟ ସୁବାସ କଅଁର, ବିରୁଡା ପଞ୍ଚାୟତର ସମିତି ସଭ୍ୟାଙ୍କ ପ୍ରତିନିଧି ରଞ୍ଜନ କୁମାର ଲେଙ୍କା ଓ ଛାତ୍ର ନେତା ରଞ୍ଜିତ କୁମାର ପଲେଇ ପ୍ରମୁଖ ଯୋଗ ଦେଇଥିଲେ । ଆଗାମୀ ଦିନରେ ବିଜୁ ଜନତା ଦଳକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଛନ୍ତି ।



